# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

ECHO OF HIS CALL 1969-2019 GOLDEN JUBILEE

REACHING NATIONS

**India's National Spiritual Newspaper**

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | AUGUST 2023 | No.06


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୧୦୩:୮-୧୭)

୮ ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ ।

୯ ସେ ନିରନ୍ତର ଧମକାଇବେ ନାହିଁ; କିଅବା ସଦାକାଳ ଆପଣା କ୍ରୋଧ ରଖିବେ ନାହିଁ ।

୧୦ ସେ ଆମ୍ଭମାନଙ୍କ ପାପ ପ୍ରମାଣେ ଆମ୍ଭମାନଙ୍କ ପ୍ରତି ବ୍ୟବହାର କରି ନାହାନ୍ତି, କିଅବା ଆମ୍ଭମାନଙ୍କ ଅଧର୍ମାନୁସାରେ ଆମ୍ଭମାନଙ୍କୁ ପ୍ରତିଫଳ ଦେଇ ନାହାନ୍ତି ।

୧୧ କାରଣ ପୃଥିବୀରୁ ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ତାହାଙ୍କ ଭୟକାରୀମାନଙ୍କ ପ୍ରତି ତାହାଙ୍କ ଦୟା ମହତ ।

୧୨ ପୂର୍ବରୁ ପଶ୍ଚିମ ଯେତେ ଦୂର, ସେ ଆମ୍ଭମାନଙ୍କ-ଠାରୁ ଆମ୍ଭମାନଙ୍କ ଅପରାଧ ସେତେ ଦୂର କରିଅଛନ୍ତି ।

୧୩ ପିତା ଆପଣା ସନ୍ତାନଗଣ ପ୍ରତି ଯେରୂପ ସ୍ନେହ ବହଇ, ସଦାପ୍ରଭୁ ଆପଣା ଭୟକାରୀମାନଙ୍କ ପ୍ରତି ସେରୂପ ସ୍ନେହ ବହନ୍ତି ।

୧୪ କାରଣ ସେ ଆମ୍ଭମାନଙ୍କର ଗଠନ ଜାଣନ୍ତି; ଆମ୍ଭେମାନେ ସେ ଧୂଳିମାତ୍ର, ଏହା ସେ ସ୍ମରଣ କରନ୍ତି ।

୧୫ ମର୍ତ୍ତ୍ୟର ଦିନ ତୃଣ ତୁଲ୍ୟ; ଯେପରି କ୍ଷେତ୍ରର ଫୁଲ, ସେପରି ସେ ପ୍ରଫୁଲ୍ଲ ହୁଏ ।

୧୬ ତହିଁ ଉପରେ ବାୟୁ ବହିଲେ, ତାହା ନ ଥାଏ, ପୁଣି ତହିଁର ସ୍ଥାନ ଆଉ ତାହାର ପରିଚୟ ପାଇବ ନାହିଁ ।

୧୭ ମାତ୍ର ସଦାପ୍ରଭୁଙ୍କ ଦୟା ଅନାଦିକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ଆପଣା ଭୟକାରୀମାନଙ୍କ ପ୍ରତି ଥାଏ ।

## ଆଖୋର ଉପତ୍ୟକା, ଆଶାର ଏକ ଦ୍ୱାର

### THE VALLEY OF ACHOR: A DOOR OF HOPE!




ପାଷ୍ଟର ଆଞ୍ଜେଲାଇନ୍ ସେଲ୍ଭାକୁମାରୀ




ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ । ୨୦୨୩ ର ୭ ମାସ ଧରି ଆମକୁ ସୁରକ୍ଷିତ ରଖିଥିବାରୁ ମୁଁ ଈଶ୍ୱରଙ୍କୁ ତାଙ୍କ ଅନୁଗ୍ରହ ପାଇଁ ଧନ୍ୟବାଦ ଦେଉଅଛି । କେତେକଙ୍କ ପାଇଁ ଏହା ଏପର୍ଯ୍ୟନ୍ତ ଏକ ଆଶୀର୍ବାଦପ୍ରାପ୍ତ ବର୍ଷ ହୋଇଥିବ ଓ ଅନ୍ୟ କେତେକଙ୍କ ପାଇଁ ସେହିପରି ହୋଇ ନ ଥିବ । ହୁଏତ କେତେକଙ୍କ ପାଇଁ ଏହା ସେମାନଙ୍କ ଜୀବନର ସର୍ବାଧିକ ମନ୍ଦ ବର୍ଷ ହୋଇଥିବ ଓ ଅନ୍ୟ କେତେକଙ୍କ ପାଇଁ, ଏହା ସର୍ବାଧିକ ଫଳପ୍ରଦ ବର୍ଷ ହୋଇଥିବ । ଆମେ ପ୍ରତ୍ୟେକ ପରିସ୍ଥିତିରେ ଏହା ମନେ ରଖିବା ଆବଶ୍ୟକ ଯେ ଈଶ୍ୱର ଉତ୍ତମ ଅଟନ୍ତି ଓ ସେ ଯାହା କିଛି କରନ୍ତି, ତାହା ଉତ୍ତମ ଅଟେ । ଯଦି ଆମେ ତାଙ୍କଠାରେ ଆମର ଆଶା, ଆମର ବିଶ୍ୱାସ ଓ ଆମର ଦୃଢ଼ ଭରସା ସ୍ଥାପନ କରିବା, ତେବେ ସେ ମଙ୍ଗଳ ନିମନ୍ତେ ସମସ୍ତ ବିଷୟକୁ କାର୍ଯ୍ୟକାରୀ କରିବେ । ତାଙ୍କ ସମୟରେ, ସେ ପ୍ରତ୍ୟେକ ବିଷୟକୁ ଏକ ଆଶୀର୍ବାଦରେ ପରିଣତ କରିବେ କାରଣ ସେ ଜଣେ ବିଶ୍ୱସ୍ତ ଈଶ୍ୱର ଓ ଜଣେ ଉତ୍ତମ ପିତା ଅଟନ୍ତି ।

ମୁଁ ଯିହୋଶୂୟ ପୁସ୍ତକକୁ ପାଠ କରୁଥିବା ସମୟରେ, ଆଖୋର ଉପତ୍ୟକାରେ ଘଟିଥିବା ଘଟଣା ଦ୍ୱାରା ଗଭୀର ଭାବେ ବିଚଳିତ ହୋଇଥିଲି । ଗୋଟିଏ ଅତି ଦୁଃଖଦ ଓ ହିଂସାତ୍ମକ କାହାଣୀ । ଯେଉଁ ସ୍ଥାନରେ ଆଖନ ଓ ତା'ର ସମଗ୍ର ପରିବାରକୁ ପ୍ରସ୍ତରାଘାତ କରି ଅଗ୍ନିରେ ଦଗ୍ଧ କରା ଯାଇଥିଲା, ସେହି ସ୍ଥାନକୁ ଇସ୍ରାଏଲୀୟମାନେ ଆଖୋର ଉପତ୍ୟକା ବୋଲି କହିଥିଲେ (ଯିହୋଶୂୟ ୭:୨୫,୨୬) ।


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)





ଆହ୍ବାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍ଭାରାଜ୍ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
Dr. Rabinder Boaz, M.S.
Bro. K. Puratchivendan
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

"ସଦାପ୍ରଭୁ ତୁମ୍ଭକୁ ଆଶୀର୍ବାଦ କରନ୍ତୁ ଓ ତୁମ୍ଭକୁ ରକ୍ଷା କରନ୍ତୁ"
(ଗଣନା ୬:୨୪)

**ଜାଲ ଛିଣ୍ଡି ଯାଇଛି ! ଏହା ଆପଣଙ୍କର ସମୟ !**

**THE NET BREAKS! THIS IS YOUR TIME!!**

**ଈଶ୍ୱରଙ୍କର ଅତି ପ୍ରିୟ ସନ୍ତାନଗଣ,**

ଆମେ ଆପଣମାନଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ଅତୁଳନୀୟ ନାମରେ ଆପଣମାନଙ୍କୁ ପ୍ରେମଭରା ଅଭିବାଦନ ।

ବୈଶ୍ୱିକ ଦୃଷ୍ଟିକୋଣରୁ, ଆମେ ଯେ କୌଣସି ଉପାୟରେ ସମଗ୍ର ଜଗତରେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ପହଞ୍ଚାଇବାକୁ ଇଚ୍ଛା କରୁଅଛୁ । ଆମର ନିମ୍ନଲିଖିତ ସେବାକାର୍ଯ୍ୟ ସୀମାର ଊର୍ଦ୍ଧ୍ୱରେ ଅଗ୍ରସର ହେଉଅଛି ।

୧) ଡାକ ଦ୍ୱାରା ଓ ଇ-ମେଲ୍ ଦ୍ୱାରା ୧୬ଟି ଭାଷାରେ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ।

୨) ଥିଓଲୋଜିକାଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ (ତାମିଲ, ଇଂରାଜୀ ଓ ହିନ୍ଦୀ ଭାଷାରେ) ।

୩) ମଣ୍ଡଳୀ ସେବାକାର୍ଯ୍ୟ (ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀସମୂହ) ।

୪) ନିହିମିୟା ବାଇବଲ କଲେଜ (ଚେପକ୍ ଓ ସନ୍ତୋଷପୂରମ୍ - ତାମିଲ ଏବଂ ଭେଲାଚେରୀ - ହିନ୍ଦୀ) ।

୫) ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ (ଇଂରାଜୀ ମାଧ୍ୟମ) ।

୬) ଆହ୍ୱାନର ପ୍ରତିଧ୍ୱନି ଛାପାକଳ ।

୭) ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ ଚ୍ୟାନେଲ ଯେଉଁଥିରେ ପ୍ରତିଦିନ ତାମିଲ, ତେଲୁଗୁ, ହିନ୍ଦୀ ଓ ଇଂରାଜୀରେ ୫ ମିନିଟ ଧରି ଈଶ୍ୱରଙ୍କ ବାର୍ତ୍ତା ଅପ୍‌ଲୋଡ୍ କରାଯାଏ । ଅନ୍ୟ ଗଣମାଧ୍ୟମ ସେବାକାର୍ଯ୍ୟ ରହିଛି ।



*ପାଳକ ସାମ୍‌ଙ୍କ ସହିତ କେତେ ଜଣ ସ୍ନାତକ ଛାତ୍ର - ୨୦୨୩*

ଉପରୋକ୍ତ ସମସ୍ତ ସେବାକାର୍ଯ୍ୟ ନିମନ୍ତେ, ଈଶ୍ୱର ତାଙ୍କର ଅନୁଗ୍ରହ ଯୋଗାଉ ଅଛନ୍ତି । ଏହା ଆପଣମାନଙ୍କ ପ୍ରାର୍ଥନା, ଉତ୍ସାହପ୍ରଦ ବାକ୍ୟ ଓ ଅର୍ଥ ସହାୟତା ଦ୍ୱାରା ସୁଦୃଢ଼ ହୋଇଅଛି । ଆମେ ଏହି ସେବାକାର୍ଯ୍ୟକୁ ସତ୍ୟ ଓ ସଚ୍ଚୋଟ ଭାବରେ କରୁଥିବାରୁ, ଶୟତାନ ଆମକୁ ତା'ର ଚତୁର କୌଶଳ ଦ୍ୱାରା ଆକ୍ରମଣ କରିବାକୁ ଚେଷ୍ଟା କରୁଅଛି । ଆପଣମାନେ ଆମ ପାଇଁ ପ୍ରାର୍ତନା କରିବେ କି ?

ଆମ ନିହିମିୟା କଲେଜର କାର୍ଯ୍ୟ କ୍ଷିପ୍ର ଭାବରେ ବୃଦ୍ଧି ପାଉଅଛି । ଯେଉଁ ପ୍ରଭୁ ଆମକୁ ଡାକ (ବାଇବଲ କୋର) ଦ୍ୱାରା ବାଇବଲ ପାଠ୍ୟକ୍ରମ ଓ ଥିଓଲୋଜିକାଲ ପାଠ୍ୟକ୍ରମ ଆରମ୍ଭ କରିବାରେ ସାହାଯ୍ୟ କରିଥିଲେ, ସେ ବର୍ତ୍ତମାନ ନୂତନ ନିୟମିତ ପାଠ୍ୟକ୍ରମ (ସାଂଧ୍ୟ ଓ ଆବାସିକ) ଯୋଗାଇବାରେ ଆମକୁ ସାହାଯ୍ୟ କରିଛନ୍ତି ।

Our Ministries: ECHO OF HIS CALL Monthly Magazines (16 languages) ✿ BIBLECOR - Postal Courses (3 languages) ✿ Media Ministry ✿ Online Courses ✿ Theological Correspondence Courses (2 languages) ✿ Church Planting ✿ Nehemiah Bible Colleges ✿ Gospel Printing Press ✿ Great Commission Partners ✿ St. Paul's Matriculation School ✿ Crusades ✿ Community Development



## ନିହିମିୟା ବାଇବଲ କଲେଜ – ସନ୍ତୋଷପୁରମ୍ – ବିଶେଷ ସଭା

ବିଶେଷ ଅତିଥି ଓ ଆମ ନିହିମିୟା ବାଇବଲ କଲେଜର ଧର୍ମତତ୍ତ୍ୱବିଦ୍‌ମାନଙ୍କର ସନ୍ତୋଷପୂରମଠାରେ ବାଇବଲ କଲେଜର ପୁନଃପ୍ରତିଷ୍ଠା ସମ୍ବନ୍ଧୀୟ ସଭା ଆମର ସନ୍ତୋଷପୂରମ ପରିସରରେ ଜୁନ ୪ ତାରିଖରେ ଅନୁଷ୍ଠିତ ହୋଇଥିଲା ।

ସନ୍ତୋଷପୂରମ ପରିସରରେ ତୃତୀୟ ନିହିମିୟା ବାଇବଲ କଲେଜ ଆରମ୍ଭ କରିବା ପାଇଁ ଓ C.Th, Dip Th ଓ B.Th ପାଠ୍ୟକ୍ରମ ଯୋଗାଇବା ପାଇଁ ପ୍ରାର୍ଥନା ପୂର୍ବକ ନିଷ୍ପତ୍ତି ନିଆଯାଇଥିଲା । ସେଥିପାଇଁ ଆମେ ସକ୍ରିୟଭାବେ ସେହି କାର୍ଯ୍ୟରେ ଅନ୍ତର୍ଭୁକ୍ତ ହୋଇଅଛୁ । ଈଶ୍ୱରଙ୍କ ଲୋକମାନେ ହୁଏତ ସେମାନଙ୍କ ମନରେ ଏହି ପ୍ରଶ୍ନ ଉଠାଇ ପାରନ୍ତି । ‘‘ସେବାକାର୍ଯ୍ୟରେ ଅନେକ ସଂଘର୍ଷ ଓ ସମସ୍ୟା ରହିଥିବା ସମୟରେ କାହିଁକି ଗୋଟିଏ ନୂତନ ସେବାକାର୍ଯ୍ୟ ଆରମ୍ଭ କରାଯାଉଛି ?’’ ଏହା ସତ୍ୟ ଅଟେ ଯେ ଏକ ନୂତନ ଯୋଜନା ମଧ୍ୟକୁ ଅଗ୍ରସର ହେବା ପାଇଁ ଈଶ୍ୱର ଆମ ହୃଦୟରେ ଚାପ ସୃଷ୍ଟି କରୁଛନ୍ତି ସେଥିପାଇଁ ଆମେ ନୀରବ ହୋଇ ରହିପାରୁ ନାହୁଁ । ପ୍ରତ୍ୟେକ ବିଷୟ ପ୍ରଭୁଙ୍କ ଇଚ୍ଛାନୁସାରେ ଘଟିବ ।

ଆମର କେବଳ ଗୋଟିଏ ଜୀବନ ଅଛି ଓ ତାହା ମଧ୍ୟ ଅତିଶୀଘ୍ର ଶେଷ ହୋଇଯାଏ । ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଯଥା ସାଧ୍ୟ କାର୍ଯ୍ୟ କରିବା ମୋ’ ହୃଦୟର ଇଚ୍ଛା ଅଟେ ।





ଆମ ନିକଟରେ ୨୦୦ ଜଣ ସଂପୂର୍ଣ୍ଣ ସମୟ କର୍ମଚାରୀ ଓ ଈଶ୍ୱରଙ୍କର ସ୍ୱେଚ୍ଛାସେବୀମାନେ ଅଛନ୍ତି । ଆମ ନିକଟରେ କର୍ମଚାରୀ ଓ ଅର୍ଥର ଅଭାବ ଥିବା ସତ୍ତ୍ୱେ, ଆମେ ନିମ୍ନଲିଖିତ ବାଇବଲ ପଦକୁ ଆଧାର କରି ଏହି ନୂତନ ବାଇବଲ କଲେଜ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଅଗ୍ରସର ହେଉଅଛୁ, ଯଥା – ‘‘ଦେଖ, ତାହାର ପ୍ରାଣ ଗର୍ବରେ ଫୁଲି ଅଛି, ତାହା ସରଳ ନୁହେଁ, ମାତ୍ର ଧାର୍ମିକ ଲୋକ ଆପଣା ବିଶ୍ୱାସ ଦ୍ୱାରା ବଞ୍ଚିବ’’ (ହବକ୍‌କୂକ ୨:୪) । ‘‘ଆମ୍ଭର ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ବଞ୍ଚିବ, କିନ୍ତୁ ଯଦି କେହି ପଶ୍ଚାଦ୍‌ପଦ ହୁଏ, ତାହା ହେଲେ ଆମ୍ଭର ଆତ୍ମା ତାହାଠାରେ ସନ୍ତୁଷ୍ଟ ନୁହେଁ’’ (ଏବ୍ରୀ ୧୦:୩୮) ।

ଲୂକ ୫ ଅଧ୍ୟାୟରେ, ପ୍ରଭୁ ଯୀଶୁ ଖ୍ରୀଷ୍ଟ କିପରି ନିଜ ଶିଷ୍ୟମାନଙ୍କୁ ସେମାନଙ୍କ ସାମର୍ଥ୍ୟ ବାହାରେ ବହୁ ପରିମାଣର ମାଛ ଧରିବା ପାଇଁ ସମର୍ଥ କରିଥିଲେ, ତାହା ଆମେ ପାଠ କରୁ । ସେମାନେ ବହୁ ପରିମାଣର ମାଛ ଧରିଥିଲେ ଯେ ସେମାନଙ୍କର ଜାଲ ପ୍ରାୟ ଛିଣ୍ଡି ଯାଇଥିଲା । ସେମାନେ ନିଜେ ନିଜେ ଏହାକୁ ସମ୍ଭାଳି ପାରି ନ ଥିବାରୁ ଅନ୍ୟ ନାବିକମାନଙ୍କୁ ସାହାଯ୍ୟ କରିବା ପାଇଁ ଡାକିଥିଲେ ।

‘‘ସେଥିରେ ସେମାନଙ୍କର ଯେଉଁ ଅଂଶୀଦାରମାନେ ଅନ୍ୟ ନୌକାରେ ଥିଲେ, ସେମାନେ ଯେପରି ଆସି ସାହାଯ୍ୟ କରନ୍ତି, ଏଥିପାଇଁ ସେମାନେ ସେମାନଙ୍କୁ ଠାରିଲେ । ଏଥିରେ ସେମାନେ ଆସି ଦୁଇଟି ନୌକାକୁ ଏପରି ପୂର୍ଣ୍ଣ କଲେ ଯେ ସେଗୁଡ଼ିକ ବୁଡ଼ିବାକୁ ଲାଗିଲା’’ (ଲୂକ ୫:୭) ।

ସେହିପରି, ପ୍ରଭୁ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ ସାଧନ କରି ଓ କ୍ଷତିପୂରଣ ଭାବରେ ଆମକୁ ବହୁସଂଖ୍ୟକ ଆତ୍ମା ପ୍ରଦାନ କରି ‘‘ଆହ୍ୱାନର ପ୍ରତିଧ୍ୱନି’’ର ସମସ୍ତ ସେବାକାର୍ଯ୍ୟ ଉପରେ ଆଶୀର୍ବାଦ କରିଛନ୍ତି ।



ଯଦିଓ ଆମର କୌଣସି ନିୟମିତ ଆୟ ନାହିଁ, ତଥାପି ପ୍ରଭୁ ପ୍ରତିଦିନ ତାଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କୁ ପ୍ରତିପୋଷଣ କରୁଛନ୍ତି । ସେ ବିଶ୍ୱସ୍ତ ଅଟନ୍ତି । ‘‘ଯେ ତୁମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ସେ ବିଶ୍ୱସ୍ତ ଅଟନ୍ତି, ଆଉ ସେ ତାହା ସାଧନ କରିବେ’’ (୧ ଥେସଲନୀକୀୟ ୫:୨୪) ।

ପ୍ରାଣଗୁଡ଼ିକ ଯୋଗୁ ଆମର ଜାଲ ଛିଣ୍ଡି ଯାଉଛି । କୌଣସି ବିଜ୍ଞାପନ ବିନା ଅନେକ ସେବାକାର୍ଯ୍ୟ ! ଈଶ୍ୱରଙ୍କର ଅନେକ ଦାସଦାସୀ ! ଆମେ ପରିଚାଳନା କରିବା ପାଇଁ ସଂଘର୍ଷ କରୁଅଛୁ !!! କୌଣସି ନା’ କୌଣସି ଉପାୟରେ ଆମ ସହିତ ଯୋଗ ଦେବା ପାଇଁ ଆଗେଇ ଆସନ୍ତୁ ! ଯେଉଁ ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟ ପ୍ରାଣଗୁଡ଼ିକରେ ପରିପୂର୍ଣ୍ଣ ହୋଇ ଛିଣ୍ଡିଯାଉଛି, ତାହାକୁ ସାହାଯ୍ୟର ହସ୍ତ ବଢ଼ାନ୍ତୁ । ଏହି ଅଗଷ୍ଟ ୧୦ ତାରିଖରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟ ଏହାର ୫୫ତମ ବର୍ଷରେ ପଦାର୍ପଣ କରୁଅଛି । ତାଙ୍କର ଅନନ୍ତକାଳୀନ ଅନୁଗ୍ରହ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଅଛି । ଆମର ସମସ୍ୟା ଓ ଅସୁବିଧାଗୁଡ଼ିକ ଯେପରି ଅତିଶୀଘ୍ର ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ଓ ଦୟାକରି ସହାୟତା ପ୍ରଦାନ କରନ୍ତୁ ।

ଆପଣ ଯାହା କରିପାରିବେ, ତାହା କରନ୍ତୁ । ଯାହା କରିବା ପାଇଁ ପ୍ରରୋଚିତ ହେଉଛନ୍ତି, ତାହା କରନ୍ତୁ ।

ଈଶ୍ୱରଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍
(+91) 98412 71858 / 98410 71858,
E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଯଦି ଆଖୋର ଉପତ୍ୟକାର ଅର୍ଥ ''ଦୁଃଖ'' କିମ୍ବା ''କଷ୍ଟ'', ତେବେ ଏହା କିପରି ''ଆଶାର ଦ୍ୱାର''ରେ ପରିଣତ ହୋଇଥିଲା । ଯେଉଁ ସ୍ଥାନ ଦୁଃଖ, କଷ୍ଟ, ବିଫଳତା, ଅଭିଶାପ, ମୃତ୍ୟୁ, ବିନାଶ ଓ ନିରାଶା ପାଇଁ ପରିଚିତ ଥିଲା, ତାହା କିପରି ଆଶା, ନୂତନ ଜୀବନ ଓ ଏକ ନୂତନ ଆରମ୍ଭର ସ୍ଥାନରେ ପରିଣତ ହୋଇଥିଲା ? ଆପଣମାନଙ୍କ ମଧ୍ୟରୁ କେତେ ଜଣ ଏହାକୁ ପାଠ କରୁଛନ୍ତି, ତାହା ମୁଁ ଜାଣେ ନାହିଁ, ମାତ୍ର ମୁଁ ବର୍ତ୍ତମାନ ଠିକ୍ ସେହି ଆଖୋର ଉପତ୍ୟକାରେ ଅଛି ଯେଉଁଠାରେ ପ୍ରତ୍ୟେକ ବିଷୟ ମୃତ ଓ ବିନଷ୍ଟ ଅଟେ ଓ କୌଣସି ବିଷୟ ମୋ' ପାଇଁ କାର୍ଯ୍ୟକାରୀ ନୁହେଁ । ମୁଁ ସବୁକିଛି ପରିତ୍ୟାଗ କରିବା ଅବସ୍ଥାରେ ଅଛି । ଧୈର୍ଯ୍ୟ ଧରିବାର କୌଣସି କାରଣ ନାହିଁ । ମୁଁ କ୍ଲାନ୍ତ ହୋଇ ଯାଇଛି । ମାତ୍ର ହଁ ? ଆଗକୁ ବଢ଼ିବାର କୌଣସି ମାର୍ଗ ନାହିଁ । ମୋ ନିକଟରେ ଆପଣମାନଙ୍କ ନିମନ୍ତେ ସୁସମ୍ବାଦ ଅଛି । ଯେଉଁ ଉପତ୍ୟକା ବିଫଳତା ଓ ବିନାଶର ଏକ ପ୍ରତୀକ ଥିଲା, ତାହା ଆଶାର ଦ୍ୱାରରେ ପରିଣତ ହୋଇଥିଲା । ପୁଣି ମୁଁ ଏହି ପ୍ରାର୍ଥନା କରେ ଯେପରିକି ସେହି ଈଶ୍ୱର ହିଁ ଆପଣଙ୍କର ଜୀବନକୁ ଅଧିକ ସୁନ୍ଦର, ରଙ୍ଗୀନ ଓ ଅର୍ଥପୂର୍ଣ୍ଣ କରିବେ । କାରଣ ସେ ଈଶ୍ୱର ଅଟନ୍ତି ଓ ସେ ଶୂନ୍ୟରୁ ମହତ୍ କାର୍ଯ୍ୟ ସାଧନ କରିପାରନ୍ତି ।

ଆସନ୍ତୁ ଆମେ ପ୍ରଥମେ ଆଖୋର ଉପତ୍ୟକାର ଗୁରୁତ୍ୱକୁ ଦେଖିବା । ସେଥିପାଇଁ, ଆମେ ପୂର୍ବ ଯୁଦ୍ଧକୁ ବୁଝିବା ଆବଶ୍ୟକ । ଯିହୋଶୂୟଙ୍କ ନୂତନ ନେତୃତ୍ୱ ଅଧୀନରେ ଯିରୀହୋ ଯୁଦ୍ଧ ଯିହୋଶୂୟଙ୍କ ପାଇଁ ଓ ଇସ୍ରାଏଲର ଲୋକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ଥିଲା । ସେମାନଙ୍କର ବୁଝିବା ଶକ୍ତିର ବାହାରେ, ସେମାନେ ଈଶ୍ୱରଙ୍କର ଅଲୌକିକ ଶକ୍ତିର ଅନୁଭୂତି ପାଇବା ପାଇଁ ସମର୍ଥ ଥିଲେ । ବିଜୟଟି ମାନବିକ ଶକ୍ତିର ଊର୍ଦ୍ଧ୍ୱରେ ଥିଲା । ଈଶ୍ୱର କିପରି ସେମାନଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ, ଏହା ସେମାନେ ଦେଖିଥିଲେ । ଥରେ ମହାବିଜୟର ଅନୁଭୂତି ପାଇବା ପରେ, ସେମାନେ ଆମ ଭଳି ଆତ୍ମସନ୍ତୁଷ୍ଟ ହୋଇଥିଲେ । ଯେତେବେଳେ ଆମେ ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେଉ, ସେତେବେଳେ ଆରାମ ପାଉ, କିଏ ଆଶୀର୍ବାଦର ଉତ୍ସ ଅଟନ୍ତି, ତାହା ଆମେ ଭୁଲିଯାଉ ଓ ଆଶୀର୍ବାଦରେ ଉଲ୍ଲସିତ ହୋଇ ରହିଯାଉ । ସେହି ଆଶୀର୍ବାଦ ଯେ ଆମ ପାଇଁ ଏକ ଫାନ୍ଦ ମଧ୍ୟ ହୋଇପାରେ, ଏହା ଆମେ ଉପଲବ୍ଧି କରି ନ ଥାଉ । ଆମର ଆଶୀର୍ବାଦ ଆମ ପାଇଁ ଏକ ଫାନ୍ଦରେ ପରିଣତ ନ ହେଉ । ସେଥିପାଇଁ, ଈଶ୍ୱରଙ୍କ ଲୋକମାନେ ଯିରୀହୋରେ ମହାବିଜୟ ପାଇବା ପରେ, ଏକ ଅପେକ୍ଷାକୃତ ଛୋଟ ନଗର 'ଅୟ' ବିରୁଦ୍ଧରେ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ । ସେମାନେ ଏକ ଶକ୍ତିଶାଳୀ ରାଜ୍ୟ, ଯିରୀହୋକୁ ଜୟ କରିଥିବାରୁ, କ୍ଷୁଦ୍ର ଓ ଗୁରୁତ୍ୱହୀନ 'ଅୟ' ବିରୁଦ୍ଧରେ ଯୁଦ୍ଧ କରିବାକୁ କୁଣ୍ଠିତ ହୋଇ ନ ଥିଲେ । ସେମାନଙ୍କର ପୂର୍ବ ବିଜୟ ସେମାନଙ୍କ ଶକ୍ତି ଯୋଗୁ ନୁହେଁ, ମାତ୍ର ଈଶ୍ୱରଙ୍କ ଯୋଗୁ ସମ୍ଭବ ହୋଇଥିଲା ବୋଲି ସେମାନେ ଭୁଲିଯାଇଥିଲେ । ବର୍ତ୍ତମାନ ସେମାନେ ଅୟ ବିରୁଦ୍ଧରେ ଯୁଦ୍ଧ କରିବାର ନିଷ୍ପତ୍ତି ନେଇଥିଲେ । ଏହା ଏକ ବଡ଼ ବିପର୍ଯ୍ୟୟରେ ପରିଣତ ହୋଇଥିଲା ।

**''ତେଣୁ ଲୋକମାନଙ୍କ ମଧ୍ୟରୁ ଊଣାଧିକ ତିନି ସହସ୍ର ସେଠାକୁ ଗଲେ, ମାତ୍ର ସେମାନେ ଅୟ ନଗରସ୍ଥ ଲୋକମାନଙ୍କ ସମ୍ମୁଖରେ ପଳାଇଲେ । ପୁଣି ଅୟର ଲୋକମାନେ ସେମାନଙ୍କ ମଧ୍ୟରୁ ଊଣାଧିକ ଛତିଶ ଜଣଙ୍କୁ ଆଘାତ କଲେ, ନଗର ଦ୍ୱାରରୁ ଶବାରୀମ ପର୍ଯ୍ୟନ୍ତ ସେମାନଙ୍କୁ ତଡ଼ି ନେଇ ଗଡନ୍ତି ବାଟରେ ଆଘାତ କଲେ, ତହିଁରେ ଲୋକମାନଙ୍କ ହୃଦୟ ତରଳି ପାଣି ହୋଇଗଲା''** (ଯିହୋଶୂୟ ୭:୪,୫) ।

ଲୋକମାନଙ୍କ ହୃଦୟ ଭୟରେ ତରଳି ପାଣି ହୋଇ ଯାଇଥିଲା । ଗୋଟିଏ ମୁହୂର୍ତ୍ତରେ, ସେମାନେ ଯିରୀହୋକୁ ଜୟ କରି ଈଶ୍ୱରଙ୍କ ଉତ୍ତମତାକୁ ଉପଭୋଗ କରୁଥିଲେ, ଏହାପରେ ହଠାତ୍ ଏକ କ୍ଷୁଦ୍ର ନଗରୀ ସେମାନଙ୍କର ଅନୁଧାବନ କରି ସେମାନଙ୍କୁ ସଂପୂର୍ଣ୍ଣ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ବିଶେଷ ସମ୍ବାଦ !

୧. ୨୦୨୨–୨୩ ବର୍ଷ ପାଇଁ ଆମ ନିହିମିୟା ବାଇବଲ କଲେଜର ସମାବର୍ତ୍ତନ ସମାରୋହ ପୁରୁଷୱାଲ୍‌କମ୍ ସ୍ଥିତ BKN କ୍ୟାମ୍ପସରେ ଜୁନ୍ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ୨୨ ଜଣ ଛାତ୍ର ଛାତ୍ରୀ ସ୍ନାତକ ଉପାଧି ପାଇଥିଲେ ଓ ସେବା କ୍ଷେତ୍ର ମଧ୍ୟକୁ ପ୍ରେରିତ ହୋଇଥିଲେ ।

୨. ଚେନ୍ନାଇର ଚେପକ୍ ଓ ଭେଲାଚେରୀଠାରେ, ନିହିମିୟା ବାଇବଲ କଲେଜ ଜୁନ୍ ୫ ତାରିଖରେ ତାମିଲ୍ ଓ ହିନ୍ଦୀରେ ଆରମ୍ଭ ହୋଇଛି ।

୩. ଆମର ସନ୍ତୋଷପୁରମ୍ କ୍ୟାମ୍ପସ୍‌ରେ, ଆମର ନିହିମିୟା ବାଇବଲ କଲେଜ ୨୦୨୩ ଜୁଲାଇ ୩ ତାରିଖରେ ତାମିଲ ଭାଷାରେ ଆରମ୍ଭ ହୋଇଅଛି ।

୪. ଜୁନ୍ ୧୨ ତାରିଖରେ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ପାଠପଢ଼ା ଓ ଜୁନ ୧୪ରେ ଉଚ୍ଚ ଶ୍ରେଣୀର ପାଠ ପଢ଼ା ଆରମ୍ଭ ହୋଇଅଛି । ବର୍ତ୍ତମାନ ଛାତ୍ରମାନେ ସ୍କୁଲରେ ନାମ ଲେଖାଉଛନ୍ତି ।

**ଭାଇମାନେ, ଆମ ପାଇଁ ପ୍ରାର୍ଥନା କରନ୍ତୁ (ଥେସଲନୀକୀୟ ୫:୨୫)**


# नहेम्याह बाइबल कॉलेज
## रेसिडेन्शल कॉलेज, चेन्नई।

माध्यमः हिन्दी

सदस्यता के लिए पंजीकृत उम्मीदवार - ATA

सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान

Diploma in Ministry : One year
Diploma in Theology : Two years
Bachelor of Theology : Three years

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଅଗଷ୍ଟ ୧୯ ରୁ ୨୦୨୩ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଅଗଷ୍ଟ ୧୯ ⇨ ୨୦୨୩ ଜୁଲାଇ ୩ ତାରିଖରେ ସନ୍ତୋଷପୁରମ୍‌ଠାରେ ନିହିମିୟା ବାଇବଲ କଲେଜ ପୁନର୍ବାର ଆରମ୍ଭ କରିବା ପାଇଁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୦ ⇨ ନିହିମିୟା ବାଇବଲ କଲେଜରେ B.Th ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆମକୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୧ ⇨ ଚେପକ୍, ଭେଲାଚେରୀ ଓ ସନ୍ତୋଷପୁରମ ସ୍ଥିତ ଆମର ନିହିମିୟା ବାଇବଲ କଲେଜଗୁଡ଼ିକ ପାଇଁ ନୂତନ ଅଧକ୍ଷ, ରେଭ୍.ଜନ୍ ଷ୍ଟାନ୍‌ଲୀଙ୍କୁ ଯୋଗାଇଥିବାରୁ ।

ଅଗଷ୍ଟ ୨୨ ⇨ ୧୬ଟି ଭାଷାରେ ଆମର ପ୍ରକାଶନ ନିମନ୍ତେ ରେଜିଷ୍ଟର୍ଡ ନ୍ୟୁଜପେପର ଅଫ୍ ଇଣ୍ଡିଆ (RNI) ପାଇଁ କେନ୍ଦ୍ର ସରକାରଙ୍କର ସୁବିଧା ଓ ଇ-ଫାଇଲିଂରେ ତାଙ୍କର ଚାଳନା ନିମନ୍ତେ ।

ଅଗଷ୍ଟ ୨୩ ⇨ ମନର ଏକତା ସହିତ କର୍ତ୍ତବ୍ୟ ପାଳନ କରୁଥିବା ସମର୍ପିତ କର୍ମଚାରୀମାନଙ୍କୁ ଆମକୁ ଯୋଗାଇ ଦେଇଥିବାରୁ ।

ଅଗଷ୍ଟ ୨୪ ⇨ ଭାଇ ଇନ୍ଦ୍ରଜିତ ରୟଙ୍କୁ ତାଙ୍କର ବର୍ତ୍ତମାନର ଅସୁସ୍ଥତାରୁ ସୁସ୍ଥ କରିବାରେ ସାହାଯ୍ୟ କରିଥିବାରୁ ।

ଅଗଷ୍ଟ ୨୫ ⇨ ଆମକୁ ନୈତିକ ଓ ଅର୍ଥନୈତିକ ଭାବେ ସହାୟତା ପ୍ରଦାନ କରୁଥିବା ଆମର ସାଥୀମାନଙ୍କୁ ଯୋଗାଇ ଦେଇଥିବାରୁ ।

ଅଗଷ୍ଟ ୨୬ ⇨ ୨୦୨୩ ଅଗଷ୍ଟ ୧୦ ତାରିଖରେ ଅନୁଷ୍ଠିତ ଆମର ୫୪ତମ ଜୟନ୍ତୀ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୭ ⇨ ଆମର ମୁଖ୍ୟ ଉପାସନାଳୟରେ ବାଳକ ବାଳିକାମାନଙ୍କ ପାଇଁ ଅନୁଷ୍ଠିତ ଯୁବ ସହଭାଗିତା ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୮ ⇨ ବରିଷ୍ଠ ପାଳକ ଏସ୍. ସାମ୍. ସେଲଭାରାଜଙ୍କର ଆତ୍ମଜୀବନୀ ଲେଖା ଉପରେ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୨୯ ⇨ ଆମର ନିହିମିୟା ବାଇବଲ କଲେଜର ଅଧାପକ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୩୦ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧକ୍ଷ, କର୍ମଚାରୀ ଓ ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୩୧ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହାଆଦେଶ ସାଥୀଗଣ ଓ ସେମାନଙ୍କର ପରିବାର ପ୍ରତି ଦୟା ନିମନ୍ତେ ।

ସେପ୍ଟେମ୍ବର ୧ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ସେବାକାର୍ଯ୍ୟକୁ ସହାୟତା ଦେଉଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ଯୋଗାଇ ଦେଇଥିବାରୁ ।

ସେପ୍ଟେମ୍ବର ୨ ⇨ ଆମର 'ଆହ୍ୱାନର ପ୍ରତିଧ୍ୱନି' ସେବାକାର୍ଯ୍ୟକୁ ପ୍ଲେଟମେକର, ପ୍ଲେଟ ଗ୍ରାଇଣ୍ଡର, ସ୍କ୍ରିନ୍ ପ୍ରିଣ୍ଟର୍ସ, ଇତ୍ୟାଦିମାନଙ୍କଠାରୁ ବାହ୍ୟ ସହାୟତା ଯୋଗାଇ ଦେଇଥିବାରୁ ।

ସେପ୍ଟେମ୍ବର ୩ ⇨ ଆମର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ସୁରକ୍ଷା ଦେଇଥିବାରୁ ।

## ପ୍ରାର୍ଥନାର ବିଷୟ

ସେପ୍ଟେମ୍ବର ୪ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ନିମନ୍ତେ ।

ସେପ୍ଟେମ୍ବର ୫ ⇨ ଛାପାକଳ ପରିଚାଳକ, ଗାଡ଼ି ଚାଳକ ଓ କମ୍ପ୍ୟୁଟର ଚାଳକ ଭଳି ଯାନ୍ତ୍ରିକ କର୍ମଚାରୀମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୬ ⇨ ସେହି ଖ୍ରୀଷ୍ଟିଆନମାନଙ୍କର ପୁନର୍ବାସ ନିମନ୍ତେ, ଯେଉଁମାନେ ଅନ୍ୟମାନଙ୍କର ଆକ୍ରମଣ ଯୋଗୁ ଦୁଃଖଭୋଗ କରୁଛନ୍ତି ।

ସେପ୍ଟେମ୍ବର ୭ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ନିମନ୍ତେ ଯୋଗ୍ୟ ଛାତ୍ରମାନଙ୍କ ନାମ ଲେଖା ।

ସେପ୍ଟେମ୍ବର ୮ ⇨ ଆମର ଯେଉଁ ସହକର୍ମୀମାନେ ଆମ ନିହିମିୟା ବାଇବଲ କଲେଜ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁକୁ ଶିକ୍ଷା ଦେବାରେ ଓ ଅନୁବାଦ କରିବାରେ ଅନ୍ତର୍ଭୁକ୍ତ ଅଛନ୍ତି, ସେମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୯ ⇨ ବାକ୍ୟକୁ ମିଶ୍ରିତ ନ କରି ସୁସମାଚାରକୁ ଯଥାର୍ଥଭାବେ ପ୍ରଚାର କରୁଥିବା ଖ୍ରୀଷ୍ଟିଆନ ପ୍ରଚାରକମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୧୦ ⇨ କାରାଗାରରେ ସେବାକାର୍ଯ୍ୟ କରୁଥିବା ଈଶ୍ୱରଙ୍କ ଦାସମାନଙ୍କ ନିମନ୍ତେ ।

ସେପ୍ଟେମ୍ବର ୧୧ ⇨ ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଆମକୁ ସ୍ଥିର ଦର୍ଶନ ଦେବା ନିମନ୍ତେ ।

ସେପ୍ଟେମ୍ବର ୧୨ ⇨ 'ଆହ୍ୱାନର ପ୍ରତିଧ୍ୱନି'ର ଯୁବ ଓ ସୁସମାଚାର ପ୍ରଚାର ସେବାକାର୍ଯ୍ୟ ନିମନ୍ତେ ।

ସେପ୍ଟେମ୍ବର ୧୩ ⇨ ସମସ୍ତ ମଦ୍ୟପ ଓ କୁକର୍ମକାରୀ ଯେପରି ଅନୁତାପ କରିବେ ।

ସେପ୍ଟେମ୍ବର ୧୪ ⇨ ସମସ୍ତ ଖ୍ରୀଷ୍ଟୀୟ ଅନୁଷ୍ଠାନ ଓ ମଣ୍ଡଳୀଗୁଡ଼ିକ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ସେପ୍ଟେମ୍ବର ୧୫ ⇨ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାରୁ ଈଶ୍ୱରଙ୍କ ସୁରକ୍ଷା ନିମନ୍ତେ ।

ସେପ୍ଟେମ୍ବର ୧୬ ⇨ ଆମର ବରିଷ୍ଠ ପାଳକଙ୍କୁ ତାଙ୍କର ଆତ୍ମ-ଜୀବନୀ ଲେଖିବା ପାଇଁ ଅନୁମତି ଓ ଚାଳନା ଦେଇ ଆଶୀର୍ବାଦ କରିବା ନିମନ୍ତେ ।

ସେପ୍ଟେମ୍ବର ୧୭ ⇨ ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକର ବିଶ୍ୱାସୀ ଓ ସେମାନଙ୍କ ପରିବାରଗୁଡ଼ିକର କଲ୍ୟାଣ ନିମନ୍ତେ ।

ସେପ୍ଟେମ୍ବର ୧୮ ⇨ ଆମର ବରିଷ୍ଠ ପାଳକ ଏସ୍ ସାମ୍ ସେଲ୍‌ଭାରାଜଙ୍କୁ ତାଙ୍କର ବହୁମୁଖୀ ସେବାକାର୍ଯ୍ୟ ପାଇଁ ନୂତନ ଦର୍ଶନ ଦେବା ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ରୂପେ ବିନଷ୍ଟ କରିଥିଲା, ବର୍ତ୍ତମାନ ସେମାନେ ବଡ଼ ଭୟରେ ବସି ରହିଥିଲେ । କ'ଣ ଭୁଲ୍ ହେଲା, ଏହା ଯିହୋଶୂୟ ବୁଝି ପାରି ନ ଥିଲେ, ସେଥିପାଇଁ ସେ ଈଶ୍ୱରଙ୍କ ନିକଟକୁ ଯାଇ ନିୟମ ସିନ୍ଦୁକ ସମ୍ମୁଖରେ ମୁହଁମାଡ଼ି ପଡ଼ିଲେ । ଈଶ୍ୱରଙ୍କ ଉପସ୍ଥିତି ଅପେକ୍ଷା ଆଉ କୌଣସି ଉତ୍ତମତର ସ୍ଥାନ ନାହିଁ । ଯେତେବେଳେ ଆମେ ଏପରି ସଂଘର୍ଷ, ଯୁଦ୍ଧ ଓ ଯନ୍ତ୍ରଣାର ସମ୍ମୁଖୀନ ହେଉ ଯାହାକୁ ଆମେ ନିୟନ୍ତ୍ରଣ କରିପାରୁ ନାହୁଁ, ସେତେବେଳେ ଯୀଶୁଙ୍କ ପାଦ ନିକଟକୁ ଯାଇ ସେଠାରେ ମୁହଁ ମାଡି ପଡ଼ିବା ବିଷୟକୁ ଆମେ ଶିକ୍ଷା କରିବା ଆବଶ୍ୟକ । କିନ୍ତୁ, ଅଧିକାଂଶ ସମୟରେ ଆମେ ଏହି ବହୁମୂଲ୍ୟ ସ୍ଥାନକୁ ଭୁଲି ଯାଉ ଓ ଆମର ବନ୍ଧୁ ପରିଜନମାନଙ୍କ ସହିତ କଥା ହେବା ଓ ପ୍ରଚାରକ ଏବଂ ପାଳକମାନଙ୍କୁ ଡାକିବା ପାଇଁ ନିଷ୍ପତ୍ତି ନେଉ । ମୋତେ ଭୁଲ୍ ବୁଝନ୍ତୁ ନାହିଁ, ସେପରି କରିବାରେ କିଛି ଭୁଲ୍ ନାହିଁ । ମାତ୍ର ଆମ ପାଇଁ ପ୍ରଥମ ସ୍ଥାନ ଯୀଶୁଙ୍କ ଚରଣ ନିକଟରେ ହେବା ଉଚିତ୍ । ଏହା ମରିୟମ ଭଲ ଭାବରେ ଜାଣିଥିଲେ । ଯୀଶୁଙ୍କ ପାଦତଳେ ପଡ଼ିବା ଠିକ୍ ସେହିପରି ଅଟେ ଯେପରି କିଣାନୀୟ ସ୍ତ୍ରୀ ନିଜ କନ୍ୟାର ସୁସ୍ଥତା ପାଇଁ ତାଙ୍କ ପାଦ ତଳେ ପଡ଼ିଥିଲା । ଯାକୁବ ଈଶ୍ୱରଙ୍କ ଦୂତ ଧରି ରଖି କହିଥିଲେ, ''ତୁମ୍ଭେ ମୋତେ ଆଶୀର୍ବାଦ ନ କରିବା ପର୍ଯ୍ୟନ୍ତ ମୁଁ ତୁମ୍ଭକୁ ଛାଡ଼ିବି ନାହିଁ ।'' ଆପଣ ପାଠ କରୁଥିବା ସମୟରେ, ଯଦି ଆପଣ ଈଶ୍ୱରଙ୍କଠାରୁ କିଛି ଆଶା କରୁଛନ୍ତି, ତେବେ ପ୍ରଥମେ ତାଙ୍କ ପାଦ ତଳେ ପଡନ୍ତୁ । ଜଣେ ମନୁଷ୍ୟର ପାଦ ତଳେ ପଡ଼ିବା ଅପେକ୍ଷା ତାଙ୍କ ପାଦତଳେ ପଡ଼ିବା ଅଧିକ ଉତ୍ତମ ଅଟେ । ପୁଣି କହନ୍ତୁ, ''ପ୍ରଭୁ, ଆପଣ ମୋ' ଜୀବନରେ କିଛି ନ କରିବା ପର୍ଯ୍ୟନ୍ତ ମୁଁ ଆପଣଙ୍କୁ ଛାଡ଼ିବି ନାହିଁ ।''

ଯେତେବେଳେ ଯିହୋଶୂୟ ପ୍ରଭୁଙ୍କ ନିୟମ ସିନ୍ଦୁକ ସମ୍ମୁଖରେ ପଡ଼ିଲେ, ସେତେବେଳେ ଈଶ୍ୱର କିଛି କରିବା ପୂର୍ବରୁ, ତାଙ୍କ ଦୟା ପାଇବା ପାଇଁ ଯିହୋଶୂୟ କ'ଣ କରିବା ଆବଶ୍ୟକ, ଏହା ସେ ତାଙ୍କୁ ଦେଖାଇଲେ । ସେମାନଙ୍କ ପରାୟଜର କାରଣ ଜାଣିବାରେ, ସେ ସେମାନଙ୍କୁ ସାହାଯ୍ୟ କରିଥିଲେ । ପ୍ରିୟ ବନ୍ଧୁ, ଯଦି ଆପଣ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି, ତେବେ ପ୍ରଥମେ ତାଙ୍କୁ ପଚାରନ୍ତୁ, ''ପ୍ରଭୁ, ଆପଣ ମୋ'ଠାରେ କେଉଁ ବିଷୟକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ?'' ଏହାପରେ ଆପଣଙ୍କର ପରିବେଶକୁ ପରିବର୍ତ୍ତନ କରିବା ପାଇଁ ଈଶ୍ୱରଙ୍କୁ କୁହନ୍ତୁ । **''ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ, ଉଠ, ଏ କଅଣ, ତୁମ୍ଭେ କାହିଁକି ଅଧୋମୁଖ ହୋଇ ପଡ଼ିଅଛ ? ଇସ୍ରାଏଲ ପାପ କରିଅଛନ୍ତି ... ଏଥିଲାଗି ଇସ୍ରାଏଲ ସନ୍ତାନଗଣ ବର୍ଜିତ ହେବାରୁ ଆପଣା ଶତ୍ରୁମାନଙ୍କ ସମ୍ମୁଖରେ ଠିଆ ହୋଇ ପାରୁ ନାହାନ୍ତି...''** (ଯିହୋଶୂୟ ୭:୧୦-୧୨) ।

ଈଶ୍ୱର ସିଧାସଳଖ ଏହି ବିପର୍ଯ୍ୟୟର କାରଣ ଯିହୋଶୂୟଙ୍କୁ ଜଣାଇଥିଲେ । ଈଶ୍ୱର ଯିହୋଶୂୟଙ୍କୁ ବୁଝାଇଥିଲେ ଯେ ଜଣେ ଲୋକର ଅବାଧ୍ୟତା ଯୋଗୁ ହିଁ ସମଗ୍ର ଜାତି ପରାଜିତ ହୋଇଅଛି । ସେମାନେ ଈଶ୍ୱରଙ୍କ ନିର୍ଦ୍ଦେଶକୁ ସଂପୂର୍ଣ୍ଣଭାବେ ପାଳନ କରିବାରେ ବିଫଳ ହୋଇଥିଲେ । ପ୍ରିୟ ବନ୍ଧୁମାନେ, ଈଶ୍ୱରଙ୍କ ଇଚ୍ଛା ଓ ଦୟା ସହିତ ଆମ ଜୀବନକୁ ସମ୍ମିଳିତ ରଖିବାରେ ବାଧ୍ୟତା ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ । ବାଧ୍ୟତା ବଳିଦାନ ଅପେକ୍ଷା ଉତ୍କୃଷ୍ଟତର ଅଟେ, ଆଂଶିକ ନୁହେଁ, ମାତ୍ର ସଂପୂର୍ଣ୍ଣ ବାଧ୍ୟତା ଆବଶ୍ୟକ ଅଟେ । ଆଂଶିକ ବାଧ୍ୟତା ସଂପୂର୍ଣ୍ଣ ଅବାଧ୍ୟତା ଅଟେ । ଯଦି ଈଶ୍ୱର ଆପଣଙ୍କୁ କିଛି କରିବାକୁ କହିଛନ୍ତି, ତେବେ କୁଣ୍ଠିତ ହୁଅନ୍ତୁ ନାହିଁ, ସନ୍ଦେହ କରନ୍ତୁ ନାହିଁ ଓ ପରିଣାମ ବିଷୟରେ ଭାବନ୍ତୁ ନାହିଁ, କେବଳ ଏହା କରନ୍ତୁ ।

# ଆଖୋର ଉପତ୍ୟକା

## ୧. ଅପମାନ ଓ ଅସମ୍ମାନର ପ୍ରତୀକ

ଯିରୀହୋ ବିଷୟରେ ଈଶ୍ୱରଙ୍କ ନିର୍ଦ୍ଦେଶ ଅତି ସ୍ପଷ୍ଟ ଥିଲା । **''ଆଉ ତୁମ୍ଭେମାନେ ସେହି ବର୍ଜିତ ଦ୍ରବ୍ୟରୁ ଆପଣାମାନଙ୍କୁ କୌଣସି ମତେ ରକ୍ଷା କରିବ, ନୋହିଲେ କେଜାଣି ତୁମ୍ଭେମାନେ ତାହା ବର୍ଜିତ କଲା ଉତ୍ତାରେ ସେହି ବର୍ଜିତ ବସ୍ତୁରୁ କିଛି ଗ୍ରହଣ କରିବ । ତାହା କଲେ, ତୁମ୍ଭେମାନେ ଇସ୍ରାଏଲ ଛାଉଣୀକୁ ବର୍ଜିତ କରିବ ଓ ତାକୁ ଦୁଃଖ ଦେବ''** (ଯିହୋଶୂୟ ୬:୧୮) ।

ମାତ୍ର ଆଖନ ନିଜ ଦୃଷ୍ଟିରେ ସୁନ୍ଦର ଦିଶୁଥିବା କିଛି ବସ୍ତୁକୁ ନେବା ପାଇଁ ନିଷ୍ପତ୍ତି ନେଇଥିଲା ଓ କେବଳ ସେତିକି ନୁହେଁ, ସେ ସେଗୁଡ଼ିକୁ ମଧ୍ୟ ଲୁଚାଇ ରଖିଥିଲା । ବିଚରା ଆଖନ ଈଶ୍ୱରଙ୍କର ନିରୀକ୍ଷଣ ଶକ୍ତିକୁ ଗୁରୁତ୍ୱ ଦେଇ ନ ଥିଲା । ଈଶ୍ୱର ବାସ୍ତବରେ ଆଖନ ଉପରେ କ୍ରୋଧାନ୍ୱିତ ହୋଇଥିଲେ । **''ମୁଁ ଲୁଟିତ ଦ୍ରବ୍ୟ ମଧ୍ୟରେ ଖଣ୍ଡିଏ ସୁନ୍ଦର ବାବିଲୀୟ ବସ୍ତ୍ର ଓ ଦୁଇଟା ଶେକଲ ରୂପା ଓ ପଚାଶ ଶେକଲ ପରିମିତ ଏକ ସୁନାମୁଣ୍ଡ ଦେଖି ଲୋଭ କରି ତାହା ନେଲି । ଆଉ ଦେଖ, ସେ ସବୁ ମୋ' ତମ୍ବୁ ମଧ୍ୟରେ ଭୂମିରେ ପୋତା ଅଛି, ଆଉ ରୂପା ତହିଁ ତଳେ ଅଛି''** (ଯିହୋଶୂୟ ୭:୨୧) ।

ଆଖନର ମନୋନୟନ ଓ ତା'ର ନିଷ୍ପତ୍ତିରେ ଏକ ଗୁରୁତର ପରିଣାମ ଥିଲା । ଏହା ଆଖନର ପତ୍ନୀ ଓ ପିଲାମାନଙ୍କ ଉପରେ ଏପରି ବଡ଼ ପ୍ରଭାବ ପକାଇଥିଲା ଯେ ସେମାନେ ସେମାନଙ୍କ ପତି ଓ ପିତାର ପାପ ପାଇଁ ସେମାନଙ୍କ ଜୀବନ ଦେଇଥିଲେ । ତା'ର ପତ୍ନୀ ଓ ପିଲାମାନଙ୍କୁ ସମଗ୍ର ଜାତି ସମ୍ମୁଖରେ ପ୍ରସ୍ତରାଘାତ କରି ମୃତ୍ୟୁ ଦଣ୍ଡ ଦିଆ ଯାଇଥିଲା । ଏହା କେବଳ ତା' ପ୍ରତି ନୁହେଁ, ମାତ୍ର ତା'ର ସମଗ୍ର ପରିବାର ପ୍ରତି ଅପମାନ ଆଣିଥିଲା ।

ଆମେ ଯାହା କିଛି ଗୁପ୍ତରେ କରୁ, ସେଥିରେ ପ୍ରକାଶ୍ୟଭାବେ ଗୁରୁତର ପରିଣାମ ଥାଏ । ଆଖନ ଗୋପନରେ ଚୋରି କରି ଗୋପନରେ ପୋତି ଦେଇଛି ବୋଲି ଭାବିଥିଲା । ମାତ୍ର ଈଶ୍ୱର ଏହାକୁ ଆଲୋକକୁ ଆଣିଥିଲେ ଓ ତାକୁ ଓ ତା'ର ପରିବାରକୁ ଦଣ୍ଡିତ କରିଥିଲେ । ଆସନ୍ତୁ, ଆମେ ଗୁପ୍ତରେ ଯାହା କରୁ, ତାହା ବିଷୟରେ ସାବଧାନ ହେବା । **''ଯେହେତୁ ପରମେଶ୍ୱର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ, ପ୍ରତ୍ୟେକ ବିଷୟ ବିଚାରରେ ଆଣିବେ''** (ଉପଦେଶକ ୧୨:୧୪) ।


ନିହିମିଆ ବାଇବଲ
ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ECHO OF HIS CALL
REACHING NATIONS

ମାଧ୍ୟମ ~ ତାମିଲ

Regd. Candidate for Membership
ATA
NEHEMIAH BIBLE COLLEGE
CHENNAI
ECHO OF HIS CALL ★ Estd.: 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA
ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

Diploma in Ministry : One year
Diploma in Theology : Two years
Bachelor of Theology : Three years

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

ଗୋଟିଏ ମୁହୂର୍ତ୍ତ ପାଇଁ ଈଶ୍ୱରଙ୍କୁ କ୍ଷମା ମାଗିବାର ଏକ ସୁଯୋଗ ଭାବରେ ଏହାକୁ ଗ୍ରହଣ କରନ୍ତୁ, ଯେପରିକି ଆମର ସନ୍ତାନମାନେ ଆମର ଗୁପ୍ତ କାର୍ଯ୍ୟ ଦ୍ୱାରା ପ୍ରଭାବିତ ନ ହୁଅନ୍ତି ।

ଆମର କାର୍ଯ୍ୟ ଜଣେ ବ୍ୟକ୍ତିରେ ହିଁ ଶେଷ ହୁଏ ନାହିଁ । ଏଥିରେ ଏକ ବଡ଼ ବ୍ୟାପକ ପ୍ରଭାବ ଅଛି । ମୋର ମନୋନୟନ, ମୋର ନିଷ୍ପତ୍ତି ଓ ମୋର ଅବାଧ୍ୟତା ଭବିଷ୍ୟତ୍ ଯୁଗ ଉପରେ ପ୍ରଭାବ ପକାଇବ । କିନ୍ତୁ, କାଲଭରୀ କ୍ରୁଶ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । **"କାରଣ ଯେପରି ଜଣକର ଅନାଜ୍ଞାବହତା ଦ୍ୱାରା ଅନେକେ ପାପୀ ହେଲେ, ସେହିପରି ମଧ୍ୟ ଜଣକର ଆଜ୍ଞାବହତା ଦ୍ୱାରା ଅନେକ ଧାର୍ମିକ ହେବେ"** (ରୋମୀୟ ୫:୧୯) ।

ମୁଁ ଆଖନର ପରିବାରର ଦୃଷ୍ଟିକୋଣରୁ ତା' କାହାଣୀ ପ୍ରତି ଦୃଷ୍ଟିପାତ କରୁଥିଲି । ତା'ର ସ୍ତ୍ରୀ ଓ ପିଲାମାନେ ଏହି ପରିସ୍ଥିତି ବିଷୟରେ କ'ଣ ଚିନ୍ତା କରିଥିବେ । ଏହି ପାପରେ ସେମାନଙ୍କ ଅଂଶଗ୍ରହଣ ବିଷୟରେ କିଛି କୁହାଯାଇ ନାହିଁ । ସେଥିପାଇଁ, ସନ୍ଦେହର ଉପଚାର ପାଇଁ, ସେମାନେ ଏହି ବିଷୟରେ କିଛି ଜାଣି ନ ଥିଲେ ବୋଲି ବିଚାର କରିବା । ଦିନେ ସୁନ୍ଦର ପ୍ରଭାତରେ, ଆପଣଙ୍କୁ ସମଗ୍ର ଜାତି ପୃଥକ୍ କରିଦେବ । କୌଣସି ଜଣଙ୍କର ଭୁଲ୍ ଯୋଗୁ ଆପଣଙ୍କର କୌଣସି ଭୂମିକା ନ ଥିଲେ ସୁଦ୍ଧା ଆପଣ ଅଭିଯୁକ୍ତ, ଅପମାନିତ ଓ ଲଜ୍ଜିତ ହେବେ ।

ଆପଣମାନେ ଏହାକୁ ପାଠ କରୁଥିବା ସମୟରେ ହୁଏତ ଭାବୁଥିବେ ଯେ କୌଣସି ଜଣଙ୍କର ଭୁଲ ଯୋଗୁ ମୁଁ ସେହିପରି ସ୍ଥିତିରେ ଅଛି । ମୁଁ କାହିଁକି ଦଣ୍ଡିତ ହେବି ? ଏହା କିପରି ନ୍ୟାୟୋଚିତ ହେବ ? ଈଶ୍ୱର କାହିଁକି ଏ ବିଷୟରେ କିଛି କରୁ ନାହାଁନ୍ତି ?

ଅନ୍ୟ ପକ୍ଷରେ, ସେମାନେ ହୁଏତ କିଛି ଜାଣିଥିଲେ – ସେମାନେ ହୁଏତ ଏହା ଦେଖିଥିଲେ ଯେ ସେ କିଛି ଲୁଚାଉଛନ୍ତି, ମାତ୍ର ସେମାନେ ଏହି ବିଷୟରେ ନୀରବ ଥିଲେ । ମୁଁ ଭାବୁଛି, "ମୁଁ କାହିଁକି ବ୍ୟସ୍ତ ହେବି ? ଏହାକୁ ନୀରବ ଅଂଶଗ୍ରହଣ କୁହାଯାଏ । ବେଳେବେଳେ ଆମେ ଏହା ବୁଝିବା ଆବଶ୍ୟକ ଯେ ପ୍ରଭୁଙ୍କ ବିରୁଦ୍ଧରେ କାର୍ଯ୍ୟ କରାଯାଉଥିବା ସମୟରେ ଆମେ ନୀରବ ହୋଇ ରହିପାରିବା ନାହିଁ । ଯାହା ଠିକ୍, ତାହା ସପକ୍ଷରେ ଠିଆ ହେବା ପାଇଁ ଆମେ ସମର୍ଥ ହେବା ଆବଶ୍ୟକ ।

ଆଖନର ପାପ ଯୋଗୁ ଇସ୍ରାଏଲକୁ ଅପରାଧୀ କରାଯାଇଥିଲା । କେବଳ ଜଣେ ବ୍ୟକ୍ତି ଅବାଧ୍ୟତାର କାର୍ଯ୍ୟ କରିଥିଲା, ମାତ୍ର ସମଗ୍ର ଇସ୍ରାଏଲକୁ ସେଥିପାଇଁ ଦାୟୀ କରାଯାଇଥିଲା । ଜଣେ ବ୍ୟକ୍ତିର ଅନାଜ୍ଞାବହତା ପାଇଁ ଈଶ୍ୱର କାହିଁକି ସମଗ୍ର ଜାତିକୁ ଦଣ୍ଡିତ କରିଥିଲେ ? କାରଣ ଜଣେ ବ୍ୟକ୍ତିର ଅବାଧ୍ୟତା ଯୋଗୁ ହିଁ ସମଗ୍ର ଜଗତ ଉପରେ ପ୍ରଭାବ ପଡ଼ିଥିଲା । ମାତ୍ର ଈଶ୍ୱରଙ୍କର ଧନ୍ୟବାଦ ହେଉ ଯେ ଜଣେ ବ୍ୟକ୍ତିଙ୍କର (ଯୀଶୁଙ୍କର) ବାଧ୍ୟତା ଆମ ପାଇଁ ପରିତ୍ରାଣ ଆଣିଥିଲା । ଆଖନର ପାପ ସମଗ୍ର ସମାଜ ଉପରେ ଏକ ଗଭୀର ପ୍ରଭାବ ପକାଇଥିଲା ।

## ୨. ଗୁପ୍ତ ପାପର ପ୍ରତୀକ

ଆଖନର ଅବାଧ୍ୟତା ତାକୁ ତା'ର ପାପ ଲୁଚାଇବା ପାଇଁ ଚାଳନା ଦେଇଥିଲା । ସେ କ'ଣ କରିଥିଲା, ତାହା କେହି ଜାଣି ନ ଥିଲେ । ତା'ର ଲୋଭ, ଲାଳସା, ଇତ୍ୟାଦିର ଶେଷ ପରିଣାମ କେବଳ ତା'ର ଜୀବନ ନୁହେଁ ମାତ୍ର ତା'ର ପରିବାରର ମଧ୍ୟ ପ୍ରାଣହାନି ଥିଲା । ଗୀତରଚକ ୧୩୯ ଗୀତରେ ଯେପରି କହିଛନ୍ତି, ସେହିପରି ଈଶ୍ୱର ପ୍ରତ୍ୟେକ ବିଷୟ ଜାଣନ୍ତି ।

**"ହେ ସଦାପ୍ରଭୁ, ତୁମ୍ଭେ ମୋହର ଅନୁସନ୍ଧାନ କରିଅଛ ଓ ମୋହର ପରିଚୟ ନେଇଅଛ । ତୁମ୍ଭେ ମୋହର ବସିବାର ଓ ଉଠିବାର ଜାଣୁଅଛ, ତୁମ୍ଭେ ଦୂରରୁ ମୋହର ସଂକଳ୍ପ ବୁଝୁଅଛ । ତୁମ୍ଭେ ମୋହର ଗମନ ଓ ଶୟନ ଅନୁସନ୍ଧାନ କରୁଅଛ, ଆଉ ମୋହର ସକଳ ଗତି ଜାଣୁଅଛ । କାରଣ ହେ ସଦାପ୍ରଭୁ, ଦେଖ, ଯାହା ତୁମ୍ଭକୁ ସଂପୂର୍ଣ୍ଣ ଗୋଚର ନୁହେଁ, ଏପରି ଗୋଟିଏ କଥା ମୋ' ଜିହ୍ୱାରେ ନାହିଁ ।"**

ଯେତେବେଳେ ଆମେ ଆମର ପାପକୁ ଲୁଚାଉ, ସେତେବେଳେ ଏହାର ଏକ ଗୁରୁତର ପରିଣାମ ଥାଏ । ଯେଉଁ ସ୍ଥାନରେ ଏହାକୁ ଲୁକ୍କାୟିତ ରଖା ଯାଇଥାଏ, ତାହାକୁ ଆଲୋକକୁ ଅଣାଯିବ । **"...ସେମାନଙ୍କର ସମସ୍ତ**

### କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର୍

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

### ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

### କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*




## ଆଶ୍ଚର୍ଯ୍ୟକର୍ମ ପାଇଁ ତାଙ୍କୁ ବିଶ୍ୱାସ କରନ୍ତୁ !

**"ଆମ୍ଭମାନଙ୍କ ହୀନାବସ୍ଥା ସମୟରେ ଆମ୍ଭମାନଙ୍କୁ ସ୍ମରଣ କଲେ ସେ; କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ" (ଗୀତସଂହିତା ୧୩୬:୨୩) ।**

୧୯୭୧ରେ, ମୋର ସେବାକାର୍ଯ୍ୟର ଆଦ୍ୟ ଭାଗରେ, ମୁଁ ଚେନ୍ନାଇର ପୋଷ୍ଟ ଅଫିସରେ ଦରଖାସ୍ତ ଦେଇ ୨୧୫୭ ସଂଖ୍ୟା ବିଶିଷ୍ଟ ଗୋଟିଏ ପୋଷ୍ଟ ବକ୍ସ ପାଇଥିଲି । ମୋ' ପାଖରେ କୌଣସି ସ୍ଥାୟୀ ଠିକଣା ନ ଥିବାରୁ, ସେହି ସମୟରେ ପତ୍ର ଗୁଡ଼ିକୁ ପାଇବା ମୋ' ପାଇଁ ଅତି ଆବଶ୍ୟକ ଥିଲା ।

ସେହି ଦିନ ଗୁଡ଼ିକରେ, ମୁଁ ମୋର ମାସିକ ଦରମାରୁ ଆସୁଥିବା ଆୟ ଦ୍ୱାରା ସେବାକାର୍ଯ୍ୟ ଚଳାଉଥିବାରୁ ଅତି ଅର୍ଥନୈତିକ ଚାପର ସମ୍ମୁଖୀନ ହେଉଥିଲି । ଅନେକ ଥର ମୋତେ କ୍ଷୁଧାରେ ରହିବାକୁ ପଡ଼ିଥିଲା ଓ ମୁଁ ଅର୍ଥ ସମସ୍ୟାର ସମ୍ମୁଖୀନ ହୋଇଥିଲି । ମାତ୍ର ଈଶ୍ୱର ମୋର ସହିତ ଥିଲେ ଓ ମୁଁ ମୋର ସେବାକାର୍ଯ୍ୟର ସମସ୍ତ ଆବଶ୍ୟକତା ପାଇଁ ତାଙ୍କୁ ବିଶ୍ୱାସ କରିବାକୁ ସମର୍ଥ ଥିଲି । ଏହି କ୍ଷେତ୍ରରେ, ମୁଁ ମୋ' ଉପରେ ପ୍ରଭୁଙ୍କ ହସ୍ତ ଦେଖି ପାରିଥିଲି ।

୧୯୭୬ରେ, ଥରେ ମୁଁ 'ଆହ୍ୱାନର ପ୍ରତିଧ୍ୱନି' ପତ୍ରିକା ଛାପିବାର ଦେୟ ପରିଶୋଧ କରିବା ପାଇଁ ସମର୍ଥ ନ ଥିଲି । ମୁଁ ଅନେକ ଦିନ ଦିନ ଧରି ପ୍ରାର୍ଥନା କରିଥିଲି ଓ ଈଶ୍ୱରଙ୍କଠାରୁ କୌଣସି ଉତ୍ତର ପାଇ ନ ଥିଲି । ଡାକ ବାକ୍ସ ସୁବିଧାକୁ ବାତିଲ କରିବା ବ୍ୟତୀତ ଓ ୫୦୦ ଟଙ୍କା ଜମାରାଶି ଫେରି ପାଇବା ବ୍ୟତୀତ ମୋ' ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା ।

ସେଥିପାଇଁ ମୁଁ ପୋଷ୍ଟ ଅଫିସକୁ ଯାଇ ମୋର ଡାକ ବାକ୍ସକୁ ବାତିଲ କରିବା ପାଇଁ ଓ ମୋ' ଦ୍ୱାରା ଦିଆଯାଇଥିବା ୫୦୦ ଟଙ୍କା ଜମା ରାଶି ଫେରାଇବା ପାଇଁ ଏକ ଦରଖାସ୍ତ ଦେଇଥିଲି । ଗୋଟିଏ ଡାକ ବାକ୍ସ ପାଇବା କେତେ କଷ୍ଟକର, ତାହା ସେ ମୋତେ ବୁଝାଇବାକୁ ଚେଷ୍ଟା କରିଥିଲେ ଓ ମୋର ଦରଖାସ୍ତ ଉପରେ କାର୍ଯ୍ୟ କରିବାରେ ବିଳମ୍ବ କରିଥିଲେ । ମୁଁ ମୋର ଅସହାୟତା ବିଷୟରେ ଅତି ଦୁଃଖି ଥିଲି । ଶେଷରେ, ପୋଷ୍ଟ ମାଷ୍ଟର ଡାକ ବାକ୍ସର ସୁବିଧା ବାତିଲ କରି ମୋ' ଜମାଟଙ୍କା ଫେରାଇ ଦେଇଥିଲେ ।

ଆମ୍ଭମାନଙ୍କ ଦୀନାବସ୍ଥା ସମୟରେ ଆମ୍ଭମାନଙ୍କୁ ସ୍ମରଣ କଲେ ସେ, କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

ମାତ୍ର ମୁଁ ପୋଷ୍ଟ ମାଷ୍ଟରଙ୍କ କକ୍ଷରୁ ଫେରି ଆସୁଥିବା ସମୟରେ, ଶ୍ରୀଯୁକ୍ତ ଗୋବିନ୍ଦନ ନାମକ ଜଣେ ପୋଷ୍ଟ ଅଫିସ କର୍ମଚାରୀ ମୋତେ ସାକ୍ଷାତ୍ କଲେ ଓ ଡାକ ବାକ୍ସକୁ ବାତିଲ କରିବାର କାରଣ ପଚାରିଲେ । ମୁଁ ତାଙ୍କୁ ମୋର ଖରାପ ଆର୍ଥିକ ସ୍ଥିତି ବିଷୟରେ ଜଣାଇଲି । ସେ ମୋ' ପାଇଁ ସଙ୍ଗେ ସଙ୍ଗେ କିଛି ଟଙ୍କାର ବ୍ୟବସ୍ଥା କରିଦେଲେ ଓ ମୋତେ ପୋଷ୍ଟ ମାଷ୍ଟରଙ୍କ ନିକଟକୁ ଫେରାଇ ନେଇଗଲେ । ଏହାପରେ ଅଧିକ ଚାପ ପ୍ରୟୋଗ କରି, ସେ ସେହି ସମାନ ଡାକ ବାକ୍ସକୁ ଫେରି ପାଇବାରେ ମୋତେ ସାହାଯ୍ୟ କଲେ । ଆମେ ଆମର ସେବାକାର୍ଯ୍ୟ ପାଇଁ ସେହି ସମାନ ଡାକବାକ୍ସ ଏପର୍ଯ୍ୟନ୍ତ ବ୍ୟବହାର କରୁଅଛୁ । ଈଶ୍ୱରଙ୍କର ଗୌରବ ହେଉ ।

ମୋ' ଜୀବନର ସମସ୍ତ ଉତ୍ଥାନ ଓ ପତନ ସମୟରେ, ଈଶ୍ୱର ବିଶ୍ୱସ୍ତ ହୋଇ ରହିଛନ୍ତି । ସେ ଦାରିଦ୍ର୍ୟ, ଅସୁସ୍ଥତା ଓ ଅନ୍ୟ ଆବଶ୍ୟକ ସମୟରେ ମୋତେ ସାହାଯ୍ୟ କରିବା ପାଇଁ ନିଜର ଦୂତମାନଙ୍କୁ ପ୍ରେରଣ କରିଛନ୍ତି । ସେ ଜଣେ ମହାନ୍ ଈଶ୍ୱର ଅଟନ୍ତି । ସେହି ସମାନ ଈଶ୍ୱର ଯେ କୌଣସି ସମୟରେ, ଯେ କୌଣସି ବ୍ୟକ୍ତିର ଜୀବନରେ ଯେ କୌଣସି ଆଶ୍ଚର୍ଯ୍ୟକର୍ମ ସାଧନ କରିପାରନ୍ତି । ପ୍ରିୟ ପାଠକ, ଆପଣ ମଧ୍ୟ ଆପଣଙ୍କ ଜୀବନରେ ଏକ ଆଶ୍ଚର୍ଯ୍ୟକର୍ମ ପାଇଁ ତାଙ୍କୁ ବିଶ୍ୱାସ କରିପାରିବେ ।

---

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

**ପଥରେ ଆମ୍ଭର ଦୃଷ୍ଟିଅଛି, ସେମାନେ ଆମ୍ଭ ସାକ୍ଷାତ୍‌ରୁ ଲୁଚା ନୁହଁନ୍ତି, କିଅବା ସେମାନଙ୍କର ଅଧର୍ମ ଆମ୍ଭ ଦୃଷ୍ଟିରେ ଅଗୋଚର ନୁହେଁ"** (ଯିରି ୧୬:୧୭) ।

ଈଶ୍ୱର ଆମର ଲୁକ୍‌କାୟିତ ଗୋପନୀୟତା ଜାଣନ୍ତି । ଆମେ ପ୍ରଭୁଙ୍କ ସମ୍ମୁଖରେ ସେଗୁଡ଼ିକୁ ଖୋଲି ରଖିବା ଆବଶ୍ୟକ । ଆମେ ଯେପରି ଆଖନ ଭଳି ଦଣ୍ଡିତ ହେବୁ ନାହିଁ, ଏଥିପାଇଁ ତାଙ୍କ ଅନୁଗ୍ରହ ଯଥେଷ୍ଟରୁ ଅଧିକ ଅଟେ । ଈଶ୍ୱର ଆମ ହୃଦୟର ଇଚ୍ଛା ଜାଣନ୍ତି । ଆମେ ଯାହା କିଛି ଯେଉଁ କାରଣରୁ କରୁ, ତା' ପଛରେ ଥିବା ଆନ୍ତରିକ ଉଦ୍ଦେଶ୍ୟ ଅନ୍ଧକାରରେ ଥିଲେ ମଧ୍ୟ ଆଲୋକକୁ ଅଣାଯିବ । ଯଦି ଆମେ ପରାଜୟ, ଅପମାନ ଓ ଲଜ୍ଜାର ସ୍ଥାନରୁ ଦୂରକୁ ଚାଲିଯିବାକୁ ଇଚ୍ଛା କରୁ, ତେବେ ଆମକୁ ଈଶ୍ୱରଙ୍କ ସାକ୍ଷାତ୍‌ରେ ସ୍ୱଚ୍ଛ ହେବାକୁ ପଡ଼ିବ । ଈଶ୍ୱରଙ୍କ ନିକଟରେ ସଚ୍ଚୋଟ ହୁଅନ୍ତୁ, ଆମ ନିକଟରେ ଯୀଶୁଙ୍କର ରକ୍ତ ଅଛି ଯାହା ପୁରାତନ ନିୟମରେ ନ ଥିଲା ଓ ସେହି ରକ୍ତ ଆମ ନିମନ୍ତେ ନିବେଦନ କରିବ ଓ ଆମେ ଯଦି ମାଗିବା, ତାହା ଆମକୁ ଧୌତ କରିବ ।

ଆଖନ କହିଥିଲା, **"ସତ୍ୟ, ମୁଁ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିଅଛି,**

**ମୁଁ ଅମୁକ ଅମୁକ କାର୍ଯ୍ୟ କରିଅଛି । ମୁଁ ଲୁଟିତ ଦ୍ରବ୍ୟ ମଧ୍ୟରେ ଖଣ୍ଡିଏ ସୁନ୍ଦର ବାବିଲୀୟ ବସ୍ତ୍ର ଓ ଦୁଇଶ ଶେକଲ ରୂପା ଓ ପଚାଶ ଶେକଲ ପରିମିତ ଏକ ସୁନାମୁଣ୍ଡା ଦେଖି ଲୋଭ କରି ତାହା ନେଲି, ଆଉ ଦେଖ, ସେସବୁ ମୋ' ତମ୍ବୁ ମଧ୍ୟରେ ଭୂମିରେ ପୋତା ଅଛି, ଆଉ ରୂପା ତହିଁ ତଳେ ଅଛି । ତେବେ ସେମାନେ ତମ୍ବୁ ମଧ୍ୟରୁ ସେସବୁ ନେଇ ଯିହୋଶୂୟଙ୍କର ଓ ଇସ୍ରାଏଲର ସମସ୍ତ ସନ୍ତାନଗଣର ନିକଟକୁ ଆଣିଲେ, ପୁଣି ସଦାପ୍ରଭୁଙ୍କ ସମ୍ମୁଖରେ ତାହା ଥୋଇ ଦେଲେ''** (ଯିହୋଶୂୟ ୭:୨୦-୨୩) ।

ଆସନ୍ତୁ, ଆମେ ନିଜ ନିଜକୁ ପରୀକ୍ଷା କରିବା । ଆମ ଜୀବନରେ ଲୁକ୍‌କାୟିତ ପାପ ଅଛି କି ? ଆପଣ କିପରି ନିଜ ଜୀବନ କାଟନ୍ତି ? କେହି ଦେଖୁ ନ ଥିବା ସମୟରେ ଆପଣ କ'ଣ କରନ୍ତି ? ଆପଣ ନିଜ ଫୋନ୍‌ରେ କିପ୍ରକାର କାର୍ଯ୍ୟକ୍ରମ ଦେଖନ୍ତି ? ଆପଣ ଈଶ୍ୱରଙ୍କ ସହିତ ଯେତିକି ସମୟ କାଟନ୍ତି, ତା' ଅପେକ୍ଷା ଅଧିକ ସମୟ ସାମାଜିକ ଗଣ ମାଧ୍ୟମରେ କାଟନ୍ତି କି ? ଆମେ ଆମର ସମସ୍ୟାଗୁଡ଼ିକ ବିଷୟରେ କହୁଛୁ କିମ୍ବା ଆମର ପ୍ରତିଜ୍ଞାଗୁଡ଼ିକୁ ଦାବୀ କରୁଅଛୁ । ଆପଣଙ୍କର ଏକ ଗୁପ୍ତ ଜୀବନ ଅଛି କି ? ଏହା ଈଶ୍ୱରଙ୍କ ସହିତ ଆନ୍ତରିକଭାବେ କଥା ହେବାର ସମୟ ଅଟେ । ଆମେ ରୁଦ୍ଧ ଦ୍ୱାର ପଛରେ ଯାହା କିଛି କରୁ, ତାହା ଗୁରୁତ୍ୱପୂର୍ଣ୍ଣ ଅଟେ ! ଅଧିକରୁ ଅଧିକ ଈଶ୍ୱରଙ୍କ ବାକ୍ୟ ପାଠ କରନ୍ତୁ ଓ ପ୍ରାର୍ଥନା କରନ୍ତୁ ।

## ୩. ନୂତନ ଆରମ୍ଭ ଓ ଆଶାର ଏକ ପ୍ରତୀକ

ଯେଉଁ ଆଖୋର ଉପତ୍ୟକା ଅପମାନ, ପରାଜୟ, ଲଜ୍ଜା ଓ ମୃତ୍ୟୁର ଏକ ପ୍ରତୀକ ଥିଲା, ତାହା ନୂତନ ଆଶା ଓ ନୂତନ ଆରମ୍ଭର ଏକ ପ୍ରତୀକରେ ପରିଣତ ହୋଇଥିଲା । ଏହା ଆଶାର ଦ୍ୱାରରେ ପରିଣତ ହୋଇଥିଲା । ହୋଶେୟ ୨:୧୫ । ଏହା କିପରି ସମ୍ଭବ ଅଟେ ?

ଆଖନ ଓ ତା'ର ପରିବାରର ମୃତ୍ୟୁ (ପ୍ରଭୁଙ୍କ ଦଣ୍ଡ) ପରେ, ସମଗ୍ର ଇସ୍ରାଏଲ ଜାତି ଅନୁତପ୍ତ ହୋଇ ପ୍ରଭୁଙ୍କର ଅନ୍ୱେଷଣ କରିଥିଲେ । ପ୍ରଭୁ ଥରେ ପାପକୁ ଦଣ୍ଡିତ କରିବା ପରେ ନିଜୟ ଦୟା ଫେରାଇ ଆଣିଥିଲେ । ସେ ଆଉ ସେମାନଙ୍କ ଉପରେ କ୍ରୋଧାନ୍ୱିତ ନ ଥିଲେ । ପୁନଶ୍ଚ, ଆମେ କ୍ରୁଶ ଦ୍ୱାରା ଏପରି ଆଶୀର୍ବାଦ ପାଇଛୁ ଯେ ଆମକୁ ଆଉ ଦଣ୍ଡ ସହ୍ୟ କରିବାକୁ ପଡ଼େ ନାହିଁ । ଯେତେବେଳେ ଆମେ ଆମର ପାପସ୍ୱୀକାର କରୁ, ସେତେବେଳେ ସେ ଆମକୁ କ୍ଷମା ଦେବା ପାଇଁ ବିଶ୍ୱସ୍ତ ଅଟନ୍ତି । **''ପୁଣି, ସେ ସ୍ଥାନରୁ ଆମେ ତାହାକୁ ତାହାର ଦ୍ରାକ୍ଷାକ୍ଷେତ୍ର ଓ ଭରସାରୂପ ଦ୍ୱାର ନିମନ୍ତେ ଆଖୋର ଉପତ୍ୟକା ଦେବା, ପୁଣି ସେ ଯେପରି ଆପଣା ଯୌବନକାଳରେ ଓ ମିସର ଦେଶରୁ ଆସିବା ଦିନରେ ଉତ୍ତର କରିଥିଲା, ସେପରି ସେ ସ୍ଥାନରେ ଉତ୍ତର କରିବ''** (ହୋଶେୟ ୨:୧୫) । ଏହା ଏକ ଆଶୀର୍ବାଦର ସ୍ଥାନରେ ପରିଣତ ହୋଇଥିଲା ।

ଆପଣ ଏହାକୁ ପାଠ କରୁଥିବା ସମୟରେ ହୁଏତ ଆପଣ ଅନ୍ତିମ ସ୍ଥାନକୁ ଆସି ଯାଇଛନ୍ତି ବୋଲି ଭାବୁଥିବେ, ଆଉ କୌଣସି ମାର୍ଗ ନାହିଁ, କୌଣସି ଆଶା ଭରସା ନାହିଁ, ଆପଣଙ୍କର ଚତୁର୍ଦ୍ଦିଗସ୍ଥିତ ପ୍ରତ୍ୟେକ ବିଷୟ ଅତି ନକାରାତ୍ମକ ଅଟେ, ଆପଣ ହୁଏତ ଗୋଟିଏ ଅତି ବିଷାଦପୂର୍ଣ୍ଣ ବାର୍ତ୍ତା ଶୁଣିଛନ୍ତି, ଏହା ଶେଷ, ପୂର୍ଣ୍ଣଚ୍ଛେଦ ଅଟେ ବୋଲି ଭାବୁଛନ୍ତି । ମୋର ପ୍ରିୟ ଭାଇ ଓ ଭଉଣୀ, ପ୍ରଭୁ ଅସମ୍ଭବ ବିଷୟକୁ ସମ୍ଭବ କରିବା ପାଇଁ ଏହି ଜଗତ ମଧ୍ୟକୁ ଆସିଥିଲେ ସେ ଗୋଟିଏ ମୃତ ଗର୍ଭାଶୟକୁ ଜୀବନ ଦେବା ପାଇଁ ସମର୍ଥ ଥିଲେ, ଜଣେ ମୃତ ଲୋକ ପୁନର୍ଜୀବିତ ହୋଇଥିଲା । ବନ୍ଦ ଚକ୍ଷୁ ଉନ୍ମୁକ୍ତ ହୋଇଥିଲା । ଯେଉଁଠାରେ କୌଣସି ମାର୍ଗ ନ ଥିଲା, ସେଠାରେ ମାର୍ଗ ଉନ୍ମୁକ୍ତ କରିବା ପାଇଁ ସେ ସମର୍ଥ ଥିଲେ । ଆପଣ ସଂପୂର୍ଣ୍ଣ ଭାବେ ନୈରାଶ୍ୟ ଅନୁଭବ କରୁଛନ୍ତି କି ? ମୋ' ନିକଟରେ ଆପଣମାନଙ୍କ ପାଇଁ ବଡ଼ ସମ୍ବାଦ ଅଛି । ପ୍ରଭୁ ସେହି ସ୍ଥାନରେ ହିଁ ଆପଣଙ୍କର ମସ୍ତକ ଉନ୍ନତ କରିବେ, ଯେଉଁଠାରେ ଆପଣ ଲଜ୍ଜିତ ହୋଇଥିଲେ । ସେ ଆପଣଙ୍କର ଶୃଙ୍ଗକୁ ଉନ୍ନତ କରିବେ ଓ ଆପଣଙ୍କର ଶତ୍ରୁମାନଙ୍କ ଉପସ୍ଥିତିରେ ଆପଣଙ୍କ ମସ୍ତକକୁ ତୈଳାଭିଷିକ୍ତ କରିବେ । ଏହା ଯେପରି ଘଟିବ, ଏଥିପାଇଁ ଆମେ କିଛି କରିବା ଆବଶ୍ୟକ । ଆମେ ଈଶ୍ୱରଙ୍କ ନିକଟରେ ସଙ୍କୋଚ ହୋଇ, ତାଙ୍କ ଦୃଷ୍ଟିରେ ଯେଉଁ ବିଷୟଗୁଡ଼ିକ ସନ୍ତୋଷଜନକ ନୁହେଁ, ସେଗୁଡ଼ିକୁ ଘୋଷଣା କରିବା ଓ ତାଙ୍କଠାରୁ କ୍ଷମା ଓ ସାହାଯ୍ୟ ମାଗିବା ଯେପରିକି ଆମେ ସେଗୁଡ଼ିକୁ ବାରମ୍ବାର କରିବା ନାହିଁ ।

ଈଶ୍ୱରଙ୍କ ସହିତ ଆମ ସଂପର୍କକୁ ଫେରାଇ ଆଣିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଈଶ୍ୱରଙ୍କ ସହିତ ଆମର ସଂପର୍କ ସଠିକ୍ ହେବା ପରେ, ଈଶ୍ୱର ଆପଣଙ୍କର ପୂର୍ଣ୍ଣଚ୍ଛେଦକୁ 'କମା'ରେ ପରିଣତ କରିବେ । ସେହି କାହାଣୀ ପ୍ରଭୁଙ୍କ ଦ୍ୱାରା ଲେଖା ଯାଉଥିବା କିଛି ଆନନ୍ଦଦାୟକ, ଶ୍ରେଷ୍ଠ ପୃଷ୍ଠା ସହିତ ଅବ୍ୟାହତ ରହିବ । ପ୍ରଭୁଙ୍କ ସହିତ ଆପଣଙ୍କର ସଂପର୍କ ଫେରି ଆସବା ପରେ, ଆପଣ ହରାଇଥିବା ସମସ୍ତ ବିଷୟ ଫେରି ଆସିବ ।

ସେହି ସମାନ ସ୍ଥାନ (ଆଖୋର ଉପତ୍ୟକା) ଯାହ ଅବିଶ୍ରାନ୍ତ ଓ ଯନ୍ତ୍ରଣାର ଏକ ସ୍ଥାନ ଥିଲା, ତାହା ସେତେବେଳେ ଏକ ବିଶ୍ରାମର ସ୍ଥାନରେ ପରିଣତ ହେବ ଯେତେବେଳେ ଆପଣ ପ୍ରଭୁଙ୍କର ଅନ୍ୱେଷଣ କରିବେ । **''ଆଉ, ଆମ୍ଭର ଯେଉଁ ଲୋକମାନେ ଆମ୍ଭର ଅନ୍ୱେଷଣ କରିଅଛନ୍ତି, ସେମାନଙ୍କ ନିମନ୍ତେ ଶାରୋଣ ଏକ ମେଷ ଖୁଆଡ଼ ଓ ଆଖୋର ଉପତ୍ୟକା ଗୋପଲର ଶୟନ ସ୍ଥାନ ହେବ''** (ଯିଶାଇୟ ୬୫:୧୦) ।

ପ୍ରିୟ ଭାଇ ଓ ଭଉଣୀମାନେ, ଆଖୋର ଉପତ୍ୟକାରୁ ଆଶାର ଦ୍ୱାର ନିକଟକୁ ଯାତ୍ରା ଏକ –

- ଅପମାନରୁ ଭରସା ନିକଟକୁ ଯାତ୍ରା ଅଟେ ।
- ଭଗ୍ନତାରୁ କିଛି ନୂତନ ନିର୍ମାଣ ଦିଗକୁ ଯାତ୍ରା ଅଟେ ।
- ନୈରାଶ୍ୟ, ପରାଜୟ, ମୃତ୍ୟୁରୁ ଏକ ଆନନ୍ଦପୂର୍ଣ୍ଣ ଲକ୍ଷ୍ୟସ୍ଥଳକୁ ଯାତ୍ରା ଅଟେ ।
- ଯଦି ଆମେ ଭରସାଦାୟକ ଈଶ୍ୱରଙ୍କ ସହିତ ହାତ ମିଳାଇ ଆମର ସମସ୍ୟା ଓ କ୍ଲେଶକୁ ନିୟନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ନେବା,
- ଯଦି ଆମେ ଦୁଃଖରୂପ ଆଖୋର ଉପତ୍ୟକାକୁ ଏକ ଶିକ୍ଷାର ସମୟ କରିବା ପାଇଁ ନିଷ୍ପତ୍ତି ନେବା ।
- ଯଦି ଆମେ ''କ୍ଲେଶରୁ ଧୈର୍ଯ୍ୟ ଓ ଧୈର୍ଯ୍ୟରୁ ଅନୁଭୂତି ଓ ଅନୁଭୂତିରୁ ଭରସା ଜନ୍ମେ'' ବୋଲି ଦେଖିବା ପାଇଁ ନିଷ୍ପତ୍ତି ନେବା, ତାହା ହିଁ କ୍ରମ ଅଟେ ।
- ତେବେ ଆମେ ଏହା ଶିକ୍ଷା କରିବା ଆବଶ୍ୟକ ଯେ ପ୍ରଥମ ଦୁଇଟି ବିଷୟ, ଯଥା କ୍ଲେଶ ଓ ଧୈର୍ଯ୍ୟ ନ ଥିଲେ, ଆମ ନିକଟରେ ଭରସା ରହିପାରିବ ନାହିଁ ।
- ଆମେ ଏହା ବିଶ୍ୱାସ କରିବା ଆବଶ୍ୟକ ଯେ ସମସ୍ତ ପୂର୍ବ ପରିସ୍ଥିତି ଗୁଡ଼ିକରେ, ସେ ମୋତେ ଚାଳନା ଦେଇଛନ୍ତି ଓ ମୋ' ସହିତ ରହିଛନ୍ତି, କୌଣସି ମାର୍ଗ ନାହିଁ, ଯେ ସେ ବର୍ତ୍ତମାନ ଆପଣଙ୍କୁ ପରିତ୍ୟାଗ କରିବେ ।
- କୌଣସି ଶାସ୍ତି ଏକ ଆନନ୍ଦଦାୟକ ଅନୁଭୂତି ହେବ ନାହିଁ, ଏହା କଷ୍ଟକର, ଯନ୍ତ୍ରଣାପୂର୍ଣ୍ଣ ଓ ବିବ୍ରତକାରୀ ହେବ ମାତ୍ର ଶେଷ ପରିଣତି ନିଶ୍ଚୟ ଏକ ଆଶୀର୍ବାଦ ହେବ ।

ମୁଁ ଏହି ପ୍ରାର୍ଥନା କରେ ଯେ ଯେତେବେଳେ ଆପଣ ଆଜି ନିଜକୁ ଈଶ୍ୱରଙ୍କ ହସ୍ତରେ ସମର୍ପଣ କରିବେ, ସେତେବେଳେ ଆପଣ ଯାହା ମାଗିବେ ଓ କଳ୍ପନା କରିବେ, ତାହା ଅପେକ୍ଷା ଅଧିକ କରିବା ପାଇଁ ଆପଣ ସମର୍ଥ ହେବେ । ଆପଣଙ୍କର ଆଖୋର ଉପତ୍ୟକା ଯୀଶୁଙ୍କ ନାମରେ ଆଶାର ଦ୍ୱାରରେ ପରିଣତ ହେଉ ।

***

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

### ଆମର ଠିକଣା :


## ECHO OF HIS CALL

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com


**YOU CAN SEND YOUR DONATION ONLINE ALSO**


**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** AUGUST 2023.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**


*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**